
ଅଁଳା ନବମୀ: ଉତ୍ତରେଶ୍ୱର ମନ୍ଦିରରେ ଶ୍ରୀଜୀଉଙ୍କୁ ଅଁଳା ମାଳାରେ ସଜାଯାଇଛି।


ଗୋକୁଳ ଧାମରେ ରାଧା ପାଦ ଦର୍ଶନ।


ବିଜିପୁର ମନ୍ଦିରରେ ମହାପ୍ରଭୁଙ୍କୁ ଅଁଳା ଓ ତୁଳସୀରେ ସଜାଯାଇଛି।


ଲାଠି ଗ୍ରାମରେ ଅଁଳା ନବମୀରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## ମହାଲକ୍ଷ୍ମୀ ପୂଜା ଶୁଭଖୁଣ୍ଟି ସ୍ଥାପନ

**ସୋରଡ଼ା,୧୦।୧୧(ରଜନୀ ମହାପାତ୍ର)**

ସୋରଡ଼ାସ୍ଥିତ ଆଡ଼ପ ମଣ୍ଡପଠାରେ ମା' ମହାଲକ୍ଷ୍ମୀଙ୍କ ପୂଜା ନିମନ୍ତେ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜାପାଠ, ହୋମ ସହ ଶୁଭଖୁଣ୍ଟି ଧରି ସହର ପରିକ୍ରମା କରାଯିବା ପରେ ପୂଜା ମଣ୍ଡପ ଠାରେ ସ୍ଥାପନ କରାଯାଇଛି। ଏଠାରେ ୧୬ ତାରିଖ ମାର୍ଗଶୀର କୃଷ୍ଣ ପ୍ରତିପଦାଠାରୁ ମାସେ ବ୍ୟାପୀ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଜଳଯାତ୍ରା, କର୍ମାରମ୍ଭ, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ ଓ ପ୍ରତ୍ୟେକ ଗୁରୁବାର ମା'ଙ୍କ ଷୋଡଶ ଉପଚାର ପୂଜା କରାଯିବ। ଡିସେମ୍ବର ୧୬ରେ ପୂର୍ଣ୍ଣାହୁତି ଓ ୧୭ ତାରିଖରେ ମା'ଙ୍କ ବିସର୍ଜନ କାର୍ଯ୍ୟକ୍ରମ ରହିଛି। ଆଡପମଣ୍ଡପ ଯୁବକ ସଂଘ ସହଯୋଗରେ ମା'ଙ୍କ ଯାତ୍ରା ପାଳନ କରାଯିବ।

## ଶିଶୁମନ୍ଦିରରେ କନ୍ୟା ଶିବିର

**ଦିଗପହଣ୍ଡି,୧୦।୧୧(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଗୁରୁଜୀ ଷଷ୍ଠୀ ପ୍ରସାଦ ବିଷୋୟୀ ଅଧ୍ୟକ୍ଷତା କରିଥିବା ବେଳେ ଭଗବତୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଡ. ପ୍ରକାଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ସାବତ ଓ ମାର୍ଗଦର୍ଶିକା ଆଶାରାଣୀ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କିଶୋରୀ ବୟସରେ ସ୍ୱାସ୍ଥ୍ୟର ଯତ୍ନ ବିଷୟରେ ଆଲୋକପାତ କରିଥିଲେ। ଗୁରୁମା ଶୁଭ୍ରଲତା ମହାପାତ୍ର, ସୁନନ୍ଦା ଦୋରା, ପୁଷ୍ପାଞ୍ଜଳୀ ସାମନ୍ତରାୟ, ଗାୟତ୍ରୀ ତ୍ରିପାଠୀ, ସସ୍ମିତା କର, ପ୍ରଗତି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୬ଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀର ୧୨୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଚାରାରୋପଣ

ବେଲଗୁଣ୍ଠା,୧୦।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଏନ୍ଏସ୍ଏସ୍ କୋ-ୟୁନିଟ ପକ୍ଷରୁ ତନରଡ଼ା ଗୋଶାଳା ଆଶ୍ରମଠାରେ ଚାରାରୋପଣ କରାଯାଇଛି। ସ୍ୱତନ୍ତ୍ର ଶିବିର ଉଦ୍ଯାପନୀରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗର ମୁଖ୍ୟ ଅଶୋକ ସ୍ୱାଇଁଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତନରଡା ସରପଞ୍ଚ ପ୍ରତିନିଧି ଅନିଲ ପାଠୀ, ମୁଖ୍ୟବକ୍ତା ଭାବେ ରୋଟାରୀ କ୍ଲବର ପୂର୍ବତନ ପ୍ରାନ୍ତପାଳ ଭି.ଦେବୀପ୍ରସାଦ ପାତ୍ର, ସମ୍ମାନିତ ଅତିଥି ରୂପେ କ୍ରୀଡା ଶିକ୍ଷକ ବିଶ୍ୱ ରଞ୍ଜନ ସ୍ୱାଇଁ ଓ ଖବରଦାତା ଶିବରାମ ଚୌଧୁରୀ ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ସପନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଶିବିର ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ସପ୍ତାହେ ଧରି ଚାଲିଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା

**ଗଞ୍ଜାମ,୧୦।୧୧(ବିଦ୍ୟାଧର ସାହୁ)**

ଗଞ୍ଜାମ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ମଧ୍ୟରେ ପ୍ରାରମ୍ଭ ଶ୍ରେଣୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲାମାନଙ୍କର ସ୍ତର ଓ ବର୍ଗ ଅନୁଯାୟୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ମୋଟ ୩୬୨ ଜଣ ଛାତ୍ରୀଛାତ୍ର କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ ସ୍ଥାନୀୟ ଗ୍ରାସିମ୍ ଇଣ୍ଡଷ୍ଟ୍ରିର ସିଏସଆର ହେଡ୍ ସସ୍ମିତା ବେହେରା ଓ ଜୟଶ୍ରୀ କେମିକାଲ ଓ ଗ୍ରାସିମ୍ ଇଣ୍ଡଷ୍ଟ୍ରୀରୁ ଅବସର ନେଇଥିବା କଷ୍ଟମ ଏଣ୍ଡ ଏକ୍ସାଇଜ ପରିଚାଳକ ହରିହର ପାତ୍ର ଅତିଥି ଭାବେ ଦେଇଥିଲେ। ଶିଶୁ ଦିବସ ପାଳନ ଅବସରରେ କୃତୀ ଖେଳାଳୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯିବ। ପ୍ରଧାନାଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ବିନୋଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଗିରିଶ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ରିଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

# ଓଡ଼ିଶା ହେବ ମିଲେଟ ହବ୍

## ଜିଲାସ୍ତରୀୟ ମାଣ୍ଡିଆ ଦିବସ

ବ୍ରହ୍ମପୁର,୧୦।୧୧(ଅଶୋକ କୁମାର ସାହୁ)


କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟ ଅଧିକାରୀମାନେ।

ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ରବିବାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଶ୍ରୀଅନ୍ନ ଅଭିଯାନ ଜରିଆରେ ଜିଲାସ୍ତରୀୟ ମାଣ୍ଡିଆ ଦିବସ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିକିଟି ବିଧାୟକ ମନୋରଂଜନ ଦ୍ୟାନ ସାମନ୍ତରାୟ ଉଦଘାଟନ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ତଥା ଆତ୍ମାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରବି ନାରାୟଣ ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ସାନ୍ତନୁ କୁମାର ସତପଥି, ଡ. ସନ୍ଦୀପ ମହାନ୍ତି, ମିଶନ ଶକ୍ତିର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜୟନ୍ତ କୁମାର ମହାପାତ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ, ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ପୂର୍ବରୁ ଦକ୍ଷିଣ ଓଡ଼ିଶାରେ ଅଧିକ ମାଣ୍ଡିଆ ଚାଷକୁ ଚାଷୀମାନେ ଅଗ୍ରାଧିକାର ଦେଉଥିଲେ। ଅନ୍ୟାନ୍ୟ ଫସଲ ଏବେ ଏହାର ସ୍ଥାନ ନେଇଛି। କୃଷି ବିଭାଗ ଏବଂ ଚାଷୀମାନେ ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଲେ ଭବିଷ୍ୟତରେ ଓଡ଼ିଶା ଏକ ମିଲେଟ ହବରେ ପରିଣତ ହୋଇପାରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ଅଗ୍ରାଧିକାର ଦିଆଯାଉଛି ବୋଲି ସେ କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ପଣ୍ଡା କହିଲେ ଯେ, ମାଣ୍ଡିଆ ଅନେକ ରୋଗର ଅମୋଘ ଔଷଧ। ମାଣ୍ଡିଆଯେ ଆମକୁ ଦିନେ ବିଶ୍ୱଦରବାରରେ ସ୍ଥାନ ଦେବ ଏହା ଆମେ କଳ୍ପନା କରିନଥିଲେ। ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ଓ ବିଲୁପ୍ତ ପ୍ରାୟ ଚାଷକୁ ଉଜ୍ଜିବୀତ କରିବା ଶ୍ରୀଅନ୍ନ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ୨୦୨୨ରୁ ଏହି ଶସ୍ୟକୁ ପୁନରୁଦ୍ଧାର ପ୍ରକ୍ରିୟା ଜାରି ରହିଛି। ତେଣୁ ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ଓଡ଼ିଶାର ଶ୍ରୀଅନ୍ନ ଓ ପାରମ୍ପରିକ କୃଷି ଐତିହ୍ୟ'। ଚଳିତବର୍ଷ ଗଞ୍ଜାମରେ ମାଣ୍ଡିଆ ୫୯୮୨ ହେକ୍ଟର ଓ ଅଣମାଣ୍ଡିଆ ୧୧୯୨ ହେକ୍ଟର ଚାଷ କରାଯାଇଛି। ତେଣୁ ଏହି ଚାଷ କରିବାକୁ ସେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସତପଥି କହିଲେ ଯେ, ଧାନ ଚାଷ ପାଇଁ ଅଧିକ ଜଳ ଓ ସାର ଦରକାର। ସାର ଦ୍ୱାରା ମାଟିର ଉର୍ବରତା ନଷ୍ଟ ହୁଏ। କିନ୍ତୁ ମାଣ୍ଡିଆ ପାଇଁ ତାହା ଦରକାର ପଡୁନି। କମ ପାଣିରେ ଏହା ଚାଷ ହେଉଥିବା ଓ ଏହାର ବଜାରୀକରଣରେ ସୁବିଧା ଥିବାରୁ ଏହି ଚାଷ ପ୍ରତି ଆଗ୍ରହୀ ହେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟତମ ବୈଜ୍ଞାନିକ ଡ. ସନ୍ଦୀପ ମହାନ୍ତି କହିଥିଲେ ଯେ, ବର୍ତ୍ତମାନ ମାଣ୍ଡିଆରେ ଅନେକ ସାମଗ୍ରୀ ପ୍ରସ୍ତୁତ ହେଉଛି। ଏହା ବିଶ୍ୱ ଦରବାରରେ ପହଞ୍ଚିଛି। ଅନେକ ଏସଏଚଜି ଏଥିରେ ସମ୍ପୃକ୍ତ ରହି ସ୍ୱାବଲମ୍ବନଶୀଳ ହୋଇପାରିଛନ୍ତି। ତେଣୁ ଏହି ଚାଷକୁ ଆପେଣାଇବାକୁ କହିଥିଲେ। ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ମହାପାତ୍ର ବି ଅନୁରୂପ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ପାତ୍ରପୁର, ସୋରଡା, ଜଗନ୍ନାଥପ୍ରସାଦ, ପୋଲସରା, ସାନଖେମୁଣ୍ଡି, ଧରାକୋଟ ଆଦି ବ୍ଲକର ମାଣ୍ଡିଆ ଚାଷ ହେଉଥିବା ୧୫୬ ପଞ୍ଚାୟତର ଚାଷୀ ଉପସ୍ଥିତ ଥିଲେ। ସମସ୍ତ ବ୍ଲକର ବ୍ଲକ କୃଷି ଅଧିକାରୀ ଓ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟର ଯୋଜନାଧିକାରୀ ମାନେ ଏଥିରେ ଯୋଗଦେଇଥିଲେ।

## ଏମ୍କେସିଜି ଡାକ୍ତରୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ

**ବ୍ରହ୍ମପୁର,୧୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ରାଗିଂ ଘଟଣାକୁ ନେଇ ନିନ୍ଦିତ ହେଉଥିବା ବେଳେ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏମକେସିଜିରେ ବହୁ ମାସ ହେଲା ଜଣେ ସ୍ଥାୟୀ ଡ଼ିନ ନ ଥିବାରୁ ସେଠାରେ ଏଭଳି ସମସ୍ୟା ଦେଖାଦେଉଛି ବୋଲି ଚର୍ଚ୍ଚା ହେଉଛି। ଏମବିବିଏସ ପଢୁଥିବା ଜଣେ ଦ୍ୱିତୀୟ ବର୍ଷର ଛାତ୍ର ଜଣେ ହାଉସ ସର୍ଜନଙ୍କୁ ଏକ ବିୟର ବୋତଲରେ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ତେବେ ଘଟଣାକୁ ନେଇ ପୋଲିସ ନିକଟରେ ଅଭିଯୋଗ ହୋଇନାହିଁ। ଗତ ୨ ଦିନ ହେବ ଏମକେସିଜିର ଛାତ୍ର ସଂସଦ ପକ୍ଷରୁ ଉତ୍ସବ ଚାଲିଥିଲା। ରାତିରେ ଛାତ୍ରମାନେ ଉଚ୍ଚ ଶବ୍ଦରେ ଡିଜେ ବଜାଉ ଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଦ୍ୱିତୀୟ ବର୍ଷର ଛାତ୍ର ଓ ହାଉସ ସର୍ଜନ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଦ୍ୱିତୀୟ ବର୍ଷର ଛାତ୍ର ଜଣଙ୍କ ଏକ ବିୟର ବୋତଲରେ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଏମକେସିଜିର ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି । ଏନେଇ ଏମକେସିଜି ଡ଼ିନଙ୍କୁ ବହୁବାର ଫୋନ କରିଥିଲେ ମଧ୍ୟ ତାଙ୍କ ନିକଟରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପଟେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. କୁହନ୍ତି ଯେ, ଏମକେସିଜିରେ ଛାତ୍ର ଗଣ୍ଡଗୋଳ ନେଇ ଖବର ପାଇବା ପରେ ବୈଦ୍ୟନାଥପୁର ପୋଲିସ ସେଠାକୁ ଯାଇଥିଲା। ଏନେଇ କୌଣସି ଛାତ୍ର ଅଭିଯୋଗ କରିନାହାନ୍ତି। ସୋମବାର ସେ ଏମକେସିଜି ଡ଼ିନଙ୍କ ସହ ଏନେଇ ଆଲୋଚନା କରିବେ ବୋଲି କହିଛନ୍ତି।

## କୁଇନ୍ ଅଫ୍ ଦି ମିଶନ୍ ହାଇସ୍କୁଲର ଆଲୁମ୍ନି ସମାରୋହ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୧୦।୧୧(ସ୍ୱାଧୀନ ଶେଖର ପାଢ଼ୀ)

କୁଇନ୍ ଅଫ ଦି ମିଶନ ଉଚ୍ଚ ବିଦ୍ୟାଳୟ ୧୯୭୭ ବ୍ୟାଚ ଛାତ୍ରଙ୍କ ୧୬ତମ ଆଲୁମ୍ନି-୭୭ ସମାରୋହ ଅବସରପ୍ରାପ୍ତ ପୋଲିସ ମହା ନିର୍ଦ୍ଦେଶକ ଏମ ଅକ୍ଷୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ପୋଲିସ ଜିଲା ଆରକ୍ଷୀ ଅଧିକ୍ଷକ ଡ଼. ସର୍ବଣା ବିବେକ ଏମ ମୁଖ୍ୟ ଅତିଥି,ରାଉରକେଲା ଏନଆଇଟି ପ୍ରାଧ୍ୟାପକ ଶିବ ଶଙ୍କର ମହାପାତ୍ର ଓ ପ୍ରମିଳା ଶିଳ୍ପ ପୁଞ୍ଜର ଉପସଭାପତି ଟି. ଏସ. କେ ସରଫ ଅନ୍ୟତମ ଅତିଥି ଥିଲେ। ଆବାହକ ଅକ୍ଷୟ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ି ଭଲ କ୍ୟାରିଅର ଗଠନ ପାଇଁ କହିଥଲେ। ସେ ଏହାକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ଏହି ଅବସରରେ ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାଧ୍ୟାପକ ଶିବ ଶଙ୍କର ମହାପାତ୍ରଙ୍କ ମା'ଙ୍କ ସ୍ମୃତି ପୂର୍ବକ ବିଦ୍ୟାଳୟର ସର୍ବୋତ୍ତମ ଛାତ୍ରୀ ପାୟଲ ସାହୁଙ୍କୁ 'ମାତୃ ଶକ୍ତି' ପୁରସ୍କାର ସ୍ୱରୂପ ଏକ ଟ୍ରଫି ସହ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଆଲୁମିନି -୭୭ ତରଫରୁ ବିଦ୍ୟାଳୟର ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ସରାଫଙ୍କ ପ୍ରଦତ୍ତ ସ୍କୁଲ ବ୍ୟାଗ ବିତରଣ କରାଯାଇଥିଲା। ଆଲୁମନି -୭୭ର ସଭାପତି ଲିଙ୍ଗରାଜ ସାହୁ ସମାରୋହ ବିଷୟରେ କହିଥିଲେ। ସଂପାଦକ ଗୌରି ରଂଜନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ହିମାଂଶୁ ଜେନା ପରିଚାଳନା କରିଥିଲେ । କୁମୁଦ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## ଗଞ୍ଜାମ ଜିଲା ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର,୧୦।୧୧(ସ୍ୱାଧୀନ ଶେଖର ପାଢ଼ୀ )



କାର୍ଯ୍ୟକ୍ରମରେ ଉପସ୍ଥିତ ଓଷ୍ଟାର ନେତୃବୃନ୍ଦ।

ଗଞ୍ଜାମ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ ରବିବାର ପ୍ରେମ ନଗର ଅଫିସରେ ସଭାପତି ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ରାଜ୍ୟ ସଭାପତି ରଞ୍ଜନ କୁମାର ଦାସ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକର ପେନସନ ପ୍ରଦାନ ଚାକିରି ସର୍ତ୍ତାବଳୀ ତୁରନ୍ତ ପ୍ରଦାନ ନେଇ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରିଥିଲେ। ପ୍ରାକ୍ତନ ରାଜ୍ୟ ସଭାପତି ପ୍ରଭାତ ଦାସ, ଉପସଭାତି ବିପ୍ରଚରଣ ଚୌଧୁରୀ, ଉପଦେଷ୍ଟା ହିମାଂଶୁ କୁମାର ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼. ବିଜୟ ଚନ୍ଦ୍ର ମହରଣା, ରାମଚନ୍ଦ୍ର ପଲେଇ, ଜିଲା ଉପସଭାପତି ରମେଶ ଚନ୍ଦ୍ର ହୋତା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲା ସମ୍ପାଦକ ବିଜୟ କୁମାର ବେହେରା ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଭ୍ୟ ସଂଗ୍ରହ, ଆଗାମୀ ବାର୍ଷିକ ପରୀକ୍ଷା ସମେତ ଶିଶୁଉତ୍ସବକୁ ସମସ୍ତ ବ୍ଲକରେ ପାଳନ କରିବାକୁ ଆଲୋଚନା ହୋଇଥିଲା। ଏଥିରେ ଯୁଗ୍ମ ସମ୍ପାଦିକା ବାସନ୍ତୀ କୁମାରୀ ଷଡ଼ଙ୍ଗୀ, ସୁଖଲତା ତ୍ରିପାଠୀ, ହରିହର ରାଉତ, ବଳରାମ ବାରିକ ଯୁଗ୍ମସମ୍ପାଦକ ପୀତାମ୍ବର ପାଢ଼ୀ, ଭୀମସେନ ଗୌଡ଼, ମଧୁସୂଦନ ଦାସ, କେଦାରନାଥ ପଟନାୟକ, ଭୀମସେନ ଗୌଡ଼, ନୀଳାମ୍ବର ପଟ୍ଟନାୟକ, ଧୀରେନ୍ଦ୍ର ନାଥ, ଶିବରାମ ମହାରଣା, ଶେଷଦେବ ପ୍ରଧାନ ଉପସ୍ଥିତ ଥିଲେ।

## ଔଷଧ ଦୋକାନରୁ ୪୧ ଲକ୍ଷ ହଡ଼ପ

**ବ୍ରହ୍ମପୁର,୧୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

କୋର୍ଟପେଟାସ୍ଥିତ କେସିଏମ ଔଷଧ ଦୋକାନର ଜଣେ କର୍ମଚାରୀ ଚଞ୍ଚକତା କରି ୪୧ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ଦୋକାନ ମାଲିକ ଏ.ପ୍ରଦୀପ କୁମାର ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଦୋକାନରେ ବର୍ଷ ବର୍ଷ ଧରି କାରବାର ସମ୍ଭାଳୁଥିବା କୋଲିଥିଗାଁର ଜଣେ ଯୁବକ ଟଙ୍କା ହଡପ କରିଥିବା ଦୋକାନ ମାଲିକ ଅଭିଯୋଗ କରିଛନ୍ତି । କୋଅପରେଟିଭ କଲୋନୀର ପ୍ରଦୀପଙ୍କ କୋର୍ଟପେଟାରେ ଔଷଧ ଦୋକାନ ରହିଛି । ଭାବିନୀପୁର ନିକଟରେ ରହୁଥିବା କୋଳଥିଗାଁର ଜଣେ ଯୁବକ ଦୋକାନରେ କାମ କରୁଥିଲେ। କିଛି ମାସ ତଳେ ସେ ଆଉ ଦୋକାନରେ କାମ କରିବେ ନାହିଁ ବୋଲି ପ୍ରଦୀପଙ୍କୁ କହିଥିଲେ। ତେଣୁ ପ୍ରଦୀପ ତାଙ୍କୁ କାରବାର ହିସାବ ମାଗିଥିଲେ । ହେଲେ ଯୁବକ ଜଣକ ଦିନ ଗଡାଇଥିଲେ। ପରେ ପ୍ରଦୀପ ନିଜେ ଦୋକାନର ହିସାବ ଦେଖିବା ବେଳକୁ ବିଭିନ୍ନ ଷ୍ଟକିଷ୍ଟଠାରୁ ୪୧ ଲକ୍ଷ ୭୫ ହଜାର ଟଙ୍କାର ଔଷଧ ଅର୍ଡର କରାଯାଇଥିବା ଓ ସେଗୁଡ଼ିକ ବିକ୍ରି ମଧ୍ୟ ହୋଇଥିବା ଜାଣିଥିଲେ। ହେଲେ ଔଷଧ ବିକ୍ରି ପରେ ସେହି ଟଙ୍କା ଷ୍ଟକିଷ୍ଟକୁ ପେମେଣ୍ଟ କରିବା ବଦଳରେ ଯୁବକ ଜଣକ ଚଳୁ କରି ଦେଇଥିବା ସାମ୍ନାକୁ ଆସିଥିଲା। ପ୍ରଦୀପ ତାଙ୍କୁ ଟଙ୍କା ମାଗିବାରୁ ସେ ଫେରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଟଙ୍କା ନ ମିଳିବାରୁ ପ୍ରଦୀପ ପୁଣି ପଚାରିବାରେ ତାଙ୍କୁ ସମ୍ପୃକ୍ତ ଯୁବକ ହତ୍ୟା ଧମକ ଦେଇଛନ୍ତି।

## ଟାମଣା ଘାଟିରେ ବାଘ ଆତଙ୍କ

**ଚିକିଟି,୧୦।୧୧(ପ୍ରକାଶ ଚନ୍ଦ୍ର ସାହୁ)**

ଚିକିଟି ବନାଞ୍ଚଳର ଟାମଣା ଘାଟିରେ ମହାବଳ ବୁଲୁଥିବା ଜଣାପଡିଛି। ମାଧୁରୀ ଗାଁ ଦେଇ ରବିବାର ଚିକିଟିରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାରରେ ଯାତ୍ରୀମାନେ ବାଘ ଦେଖିଥିବା ଚିକିଟି ରେଞ୍ଜର ବି.ପ୍ରଶାନ୍ତ ରାଓଙ୍କୁ ଜଣାଇଥିବା କୁହାଯାଉଛି। ଫଳରେ ଚିକିଟି-ବ୍ରହ୍ମପୁର ଭାୟା ଟାମଣା ରାସ୍ତାରେ ଆତଙ୍କ ଦେଖାଦେଇଛି। ଗତ ୩ ତାରିଖ ବାଘ ଜାତୀୟ ରାଜପଥ ପାର କରୁଥିବା ଭିଡିଓ ଭାଇରାଲ ହୋଇଥିଲା। ଗୋବିନ୍ଦନଗର ପଞ୍ଚାୟତର ପନାଡ ନିକଟ ଜଙ୍ଗଲରେ ୪ ଛେଳିଙ୍କୁ ମାରିଥିଲା। ଲାଓବାଡି ନିକଟରେ ଏକ ମଇଁଷିକୁ ମାରିଥିବା ଜଣାପଡିଥିଲା। ବନ ବିଭାଗ ପକ୍ଷରୁ ଗାଁ ଗାଁରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏବେ ବି ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ବନ କର୍ମଚାରୀମାନେ ଲାଓବାଡି ଗ୍ରାମରେ ପଇଁତରା ମାରୁଥିବାବେଳେ ବାଘ ଟାମଣା ଜଙ୍ଗଲରେ ବୁଲୁଛି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ପ୍ରସିଦ୍ଧ ବାଳକୁମାରୀଙ୍କ ମନ୍ଦିର ଥିବାରୁ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଯିବା ଆସିବା କରୁଛନ୍ତି। ବାଘ ଆତଙ୍କ ଯୋଗୁ ସନ୍ଧ୍ୟା ୪ଟା ପରେ କିଛି ଦିନ ପର୍ଯ୍ୟନ୍ତ ମନ୍ଦିରକୁ ନ ଆସିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରଚାରପତ୍ର ବଣ୍ଟାଯାଇଛି। ମା' ବାଳକୁମାରୀ ଉନ୍ନୟନ କମିଟି ପକ୍ଷରୁ ଏହା ବଣ୍ଟନ କରାଯାଇ ଅନୁରୂପ ନିବେଦନ କରାଯାଇଛି।

## ୪୦ ୟୁନିଟ୍ ରକ୍ତ ସଂଗୃହୀତ

ଗୋପାଳପୁର,୧୦।୧୧(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ପଞ୍ଚମା ଗ୍ରାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ପାତାଳେଶ୍ୱର ଜ୍ଞାନ ମନ୍ଦିର ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ, ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ, ଶିକ୍ଷାବିତ ସୁଦର୍ଶନ ମଣ୍ଡଳ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୪୦ ୟୁନିଟ ସଂଗ୍ରହ କରାଯାଇଛି। ଏହି ଅବସରରେ ବ୍ଲକ ବିଜେଡି ଛାତ୍ର ସଭାପତି ମିଳେନ୍ଦ୍ର ପ୍ରଧାନ, ଭକ୍ତ ନାୟକ, ଲଳିତ ମୋହନ ପ୍ରଧାନ, ରାଜେନ୍ଦ୍ର ବାଡତ୍ୟା, ଜିତୁ ବାଡ଼ତ୍ୟା, ମିଲୁ ମଣ୍ଡଳ ପ୍ରମୁଖଙ୍କ ସମେତ ଓ ଏମକେସିଜି ମେଡିକାଲର ରକ୍ତ ଭଣ୍ଡାର କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱ ପ୍ରକୃତି ଚିନ୍ତନ ଦିବସ


ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଆସିକା ,୧୦।୧୧ (ସୁରେନ୍ଦ୍ର ନାଥ ସାହୁ)**

ଆସିକା ବ୍ଲକ ବାବନପୁର ପ୍ରାଥମିକ ବିଦ୍ୟାଳୟରେ ରବିବାର ଦ୍ୱିତୀୟ ବିଶ୍ୱ ପ୍ରକୃତି ଚିନ୍ତନ ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଗ୍ରୀନ ଅର୍ଗାନିକ ଡେଭଲପମେଣ୍ଟର ଅଧ୍ୟକ୍ଷ ବାବନପୁର ସରପଞ୍ଚ ସଂଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୀତି ଆୟୋଗର ସଦସ୍ୟ ଜଗଦାନନ୍ଦ, ପରିବେଶବିତ ଡ. ଜୟକୃଷ୍ଣ ପାଣିଗ୍ରାହୀ, ଆସିକା ବିଧାୟକ ସରୋଜ କୁମାର ପାଢୀ, ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ବରିଷ୍ଠ ଆଇନଜୀବି ଶଙ୍କର ପ୍ରସାଦ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ । ବିଲୁପ୍ତ ବନ୍ୟପ୍ରାଣୀଙ୍କ ଉପକାରିତା ଓ ସୁରକ୍ଷା ସହ ପ୍ରକୃତିକୁ ପ୍ରକୃତ ଭଗବାନଙ୍କ ସ୍ୱରୂପ ଭାବି ଏହାର ବିକାଶ ଦିଗରେ ଯତ୍ନବାନ ହେବା ଲାଗି ଆଲୋଚନା କରାଯାଇଥିଲା। ଜନସାଧାରଣ ସବୁଜ ଜଙ୍ଗଲ ସୃଷ୍ଟି ଲାଗି ଚାରା ରୋପଣ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବା ନିମନ୍ତେ ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଗଡଗଡିଆ ପାହାଡ ପାଦଦେଶରେ ଥିବା ପ୍ରକୃତିମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

## ଶ୍ୱଶୁରଘର ଗାଁ ପୋଖରୀରୁ ଜ୍ୱାଇଁଙ୍କ ମୃତଦେହ ଜବତ

**ବ୍ରହ୍ମପୁର, ୧୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ସଦର ଥାନା ଦକ୍ଷିଣପୁର ପଞ୍ଚାୟତ ଗୁଣ୍ଡବନ୍ଧ ଗ୍ରାମର ମଶାଣି ବନ୍ଧରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଗୁଣ୍ଡବନ୍ଧର ନୀଳ ନାୟକଙ୍କ ଜ୍ୱାଇଁ ତୁରୁବୁଡି ଗ୍ରାମର ଉମାକାନ୍ତ ନାୟକ (୨୫)। ପ୍ରାୟ ଦେଢ଼ବର୍ଷ ତଳେ ବିବାହ ହୋଇଥିବା ଉମା ଗତ ମାସେ ହେଲା ଶ୍ୱଶୁର ଘରେ ରହି ଏକ ମାର୍ବଲ ଫ୍ୟାକ୍ଟ୍ରିରେ କାମ କରୁଥିଲେ। ଶନିବାର ସେ ବନ୍ଧକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତାରୁ ବୁଡ଼ି ଯାଇଥିଲେ। ଖବରପାଇ ସଦର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ପୁଣିଥରେ ଅଗ୍ନିଶମ ବିଭାଗର ଅଗ୍ନିକମାନେ ଖୋଜାଖୋଜି କରି ପୋଖରୀରୁ ଉମାକାନ୍ତଙ୍କ ମୃତଦେହ ବାହାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ.୩୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଜାତୀୟ ଶିକ୍ଷା ନୀତି-୨୦୨୦କୁ ବିରୋଧ

ବ୍ରହ୍ମପୁର,୧୦।୧୧(ସ୍ୱାଧୀନ ଶେଖର ପାଢ଼ୀ)

ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରତ୍ୟାହାର ଦାବି ଓ ୪ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ ବନ୍ଦ ନେଇ ଏଆଇଡିଏସଓ ଗଞ୍ଜାମ ଜିଲା ଶାଖା ଦାବି କରିଛି। ସୋମବାର ମୁଖ୍ୟମନ୍ତ୍ରୀ ଘେଷଣା କରିବାକୁ ଯାଉଥିବା ଜାତୀୟ ଶିକ୍ଷାନୀତି-୨୦୨୦ ଦ୍ୱାରା ୪ ବର୍ଷିଆ ଡିଗ୍ରୀ କୋର୍ସ ଓ ଏକାଧିକ ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା ଉଚ୍ଚ ଶିକ୍ଷାକୁ ସଂପୂର୍ଣ୍ଣ ଧ୍ୱଂସ କରିବା ସହିତ ବିଦ୍ୟାର୍ଥୀଙ୍କୁ ଦିଗହରା କରିଦେବ ବୋଲି କହି ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏହାକୁ ଦୃଢ ବିରୋଧ କରିଛନ୍ତି। ରବିବାର ଏଆଇଡିଏସଓ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର କୌଣସି ଆଲୋଚନା ନ କରି ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବରେ ଚଳିତ ଶିକ୍ଷାବର୍ଷ ମଝିରେ ୪ବର୍ଷିଆ ଡିଗ୍ରୀ କୋର୍ସ ଲାଗୁ କରିଛନ୍ତି। ଯେତେବେଳେ କି ବିଦ୍ୟାର୍ଥୀଙ୍କ ନାମଲେଖା ସମାପ୍ତ ହୋଇ ଅଗଷ୍ଟ ମାସରୁ ପାଠପଢା ଆରମ୍ଭ ହୋଇଯାଇଛି ସେତେବେଳେ ଏହି ୪ବର୍ଷିଆ ଡିଗ୍ରୀ କୋର୍ସ ସହିତ ଏକାଧିକ ପ୍ରବେଶ ଏବଂ ପ୍ରସ୍ଥାନ ପାଠପଢା କଥା କୁହାଯାଇଛି । ଯଦି କେହି ପ୍ରଥମ ବର୍ଷ ବା ଦ୍ୱିତୀୟ ବର୍ଷ ପାଠ ଅଧାରୁ ଛାଡି ତଥାକଥିତ ସାର୍ଟିଫିକେଟ ବା ଡିପ୍ଲୋମା ବା ଡିଗ୍ରୀ ସହ ବାହାରି ଯିବ ସେ ତା'ର ୭ ବର୍ଷ ମଧ୍ୟରେ ୩ ବା ୪ବର୍ଷିଆ ସ୍ନାତକ ଡିଗ୍ରୀ ସଂପୂର୍ଣ୍ଣ କରିପାରିବ। ଗୋଟିଏ ପିଲା କାହିଁକି ନିଜ ମୂଲ୍ୟବାନ ସମୟ ନଷ୍ଟ କରି ପ୍ରଥମ ବର୍ଷ ବା ଦ୍ୱିତୀୟ ବର୍ଷ ପାଠ ଛାଡିଦେବ ପୁଣି ଫେରିଆସି ସେହି ପାଠ୍ୟକ୍ରମରେ ଯୋଗ ଦେବ ? ପୁଣି ପାଠ ପଢିବା-ପଢାଇବା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। କେଉଁଠାରେ କେବେ ମଝିରୁ ପାଠ ଛାଡିବା ଏକ ବ୍ୟତିକ୍ରମ ହୋଇପାରେ, କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ବର୍ଷ ବା ଦୁଇବର୍ଷ ମଝିରେ ପାଠ ଠାରୁ ଦୂରରେ ରହିଲେ ପୂର୍ବପାଠ ସହ ସଂପର୍କ ଛିନ୍ନ ହେବ ଏବଂ ନୂଆ ଭାବରେ ପୁନରାୟ ପାଠ୍ୟକ୍ରମରେ ଯୋଗ ଦେଇ ୩ ବା ୪ବର୍ଷିଆ ସ୍ନାତକ ଡିଗ୍ରୀପାଇଁ ପାଠ ପଢିବାର ସାହସ ମଧ୍ୟ ରହିବ ନାହିଁ । ତୃତୀୟତଃ ଏହି ଶିକ୍ଷା ଖସଡା ପୁଣି କହୁଛି, ଯଦି କେହି ଛାତ୍ର ଚାହିଁବେ ତେବେ କୌଣସି ବିଶେଷ ପେପର ବା ବିଷୟ ନିଜ କଲେଜ ବା ବିଶ୍ୱବିଦ୍ୟାଳୟକୁ ବାଦ ଦେଇ ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରୁ କରିପାରିବେ ନଚେତ କୌଣସି ଅନଲାଇନ କୋର୍ସରୁ ମଧ୍ୟ କରିପାରିବେ । ଏହା ସହିତ ପଦାର୍ଥ ବିଜ୍ଞାନ ବା ଗଣିତରେ ଅନର୍ସ କରୁଥିବା ପିଲାଟି ଶାସ୍ତ୍ରୀୟ ସଂଗୀତ ବା ସମାଜ ବିଜ୍ଞାନ ମାଇନର ବା ଇଲେକ୍ଟିଭ ବା ସହଯୋଗୀ ବିଷୟ ଭାବରେ ନେଇପାରିବେ। ଏହାଦ୍ୱାରା କୌଣସି ବିଷୟରେ ସାମଗ୍ରିକ ଜ୍ଞାନ ଗଢି ଉଠିବ ନାହିଁ। ତେଣୁ ଏହି ଦିଗହରା ଢାଞ୍ଚାକୁ ପ୍ରତ୍ୟାହାର କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଦାବି କରାଯିବା ସହିତ ଛାତ୍ରସମାଜ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି।

**ଶାଳ, ଶାଗୁଆନ କାଠ ଜବତ**

ସୋରଡ଼ା,(ରଜନୀ ମହାପାତ୍ର): ବଡଗଡ ବନାଞ୍ଚଳ ଅଧୀନ ଭାଲିଆପଡ଼ା ଓ କଳାଖାଡ଼ି ଗ୍ରାମରେ ବନବିଭାଗ ଚଢ଼ାଉ କରି ମୂଲ୍ୟବାନ କାଠ ଜବତ କରିଛି। ଶନିବାର ରାତିରେ ବଡଗଡ ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ଭାଲିଆପଡା ଗାଁରେ ଚଢ଼ାଉ କରି ୨୭ ଖଣ୍ଡ ଶାଗୁଆନ କାଠଗଣ୍ଡି ଜବତ କରିଥିଲେ। ସେହିପରି କଳାଖାଡ଼ି ଗ୍ରାମରୁ ମଧ ୧୧ ଖଣ୍ଡ ଶାଳକାଠ ଜବତ ହୋଇଛି। କାଠଗଣ୍ଡିଗୁଡ଼ିକୁ ଚୋରା ଚାଲାଣ ପାଇଁ ରଖାଯାଇଥିଲା। ରାତିରେ ଖବର ପାଇ ବନବିଭାଗ ଚଢ଼ାଉ କରିବାରୁ ଚାଲାଣ ଉଦ୍ୟମ ପଣ୍ଡ ହୋଇଛି।



**ସଂକ୍ଷେପରେ**

## ମୋଟାବାଡ଼ି ସରପଞ୍ଚଙ୍କୁ ଆକ୍ରମଣ

ବୁଗୁଡ଼ା,୧୦।୧୧(କାଳିଚରଣ ଦାଶ)

ବୁଗୁଡ଼ା ବ୍ଳକ ମୋଟାବାଡି ପଞ୍ଚାୟତର ସରପଞ୍ଚ ପିଣ୍ଟୁ ସେଠୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ପିଣ୍ଟୁ ରବିବାର ମୋଟାବାଡି-ନାଗିରି ରାସ୍ତାରେ ଥିବା ଖାଞ୍ଜିରୀ ଗାଡ଼ିଆ ନିକଟରେ ରହି କାମ ନିରୀକ୍ଷଣ କରୁଥିବା ବେଳେ ଅପରାହ୍ନ ସାଢେ ୪ଟାରେ ହଠାତ ଜଣେ ଯୁବକ ଆସି ତାଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ପିଣ୍ଟୁଙ୍କ ମୁହଁ, ଡାହାଣ ହାତ ଓ ଗୋଡ଼ରେ ଆଘାତ ଲାଗିଛି। ବୁଗୁଡ଼ା ପୋଲିସ ଘଟଣାର ତଦନ୍ତ କରୁଛି।

## ଜିଲା ଶିଅଳ ସମାଜ କଲ୍ୟାଣ ସମିତି ମହାସଭା

ପୋଲସରା,୧୦।୧୧(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ଶିଅଳ ସମାଜ କଲ୍ୟାଣ ସମିତି ଆଠଗଡ଼ ତାଲୁକା ପୋଲସରାର ଘୋଡ଼ାପଲାଣ ପକ୍ଷରୁ ଯମୁନାଗିରି ସିଦ୍ଧେଶ୍ୱର ମନ୍ଦିରଠାରେ ଦୁଇ ଦିନ ଧରି ମହାସଭା ଅନୁଷ୍ଠିତ ହୋଇଥଲା। ଏଥିରେ ନାରୀ ନିର୍ଯାତନା, ଯୌତୁକ ଦାବି, ଘରୋଇ ବିବାଦକୁ ନେଇ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସମାଜର ସଭାପତି ଭିକାରୀ ଚରଣ ବେହେରା, ଉପସଭାପତି ଦୀନବନ୍ଧୁ ବେହେରା, କୁଳ ସଭାପତି ବିଷ୍ଣୁ ବେହେରା, ଗ୍ରାମକୁଳ ଅଧିକାରୀଙ୍କ ସହିତ ୨୨ ଖଣ୍ଡ କମିଟିର ସମସ୍ତ ଶିଅଳ ସମାଜ ସଦସ୍ୟ ଉପସ୍ଥିତ ଥିଲେ।

## ଜାତୀୟ ମାଷ୍ଟର ପ୍ରତିଯୋଗିତାରେ କିଶୋରଙ୍କ ସଫଳତା

ପାରଳାଖେମୁଣ୍ଡି,୧୦।୧୧(ଗିରିଧାରୀ ପରିଛା)

ଉତ୍ତରପ୍ରଦେଶର ଡ଼ଃ ଆମ୍ବେଡକର ଷ୍ଟାଡିୟମ ଠାରେ ଅନୁଷ୍ଠିତ ଜାତୀୟ ମାଷ୍ଟର ପ୍ରତିଯୋଗିତାରେ ପାରଳାଖେମୁଣ୍ଡିର ଖେଳାଳି କିଶୋର ଚନ୍ଦ୍ର ରଥ ସଫଳତା ହାସଲ କରିଛନ୍ତି। ସେ ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ , ୧୦୦ ମିଟର ଦୌଡ ଓ ଲଙ୍ଗ ଜମ୍ପରେ ରୌପ୍ୟ ପଦକ ହାସଲ କରିଛନ୍ତି। ଗତ ୮ ଓ ୯ ତାରିଖ ଦୁଇଦିନ ଧରି ହୋଇଥିବା ଏହି ଏହି ପ୍ରତିଯୋଗିତାରେ ଓଡିଶାରୁ ୭ଜଣ ଅଂଶ ଗ୍ରହଣ କରିଥିଲେ। କିଶୋରଙ୍କ ସଫଳତା ପାଇଁ ପାରଳାଖେମୁଣ୍ଡିର ଜନସାଧାରଣ ଓ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି।

## ଓପିଏସ୍‌ସିରେ ଉତ୍ତୀର୍ଣ୍ଣ ଗୌରୀ ଶଙ୍କରଙ୍କୁ ସମ୍ବର୍ଦ୍ଧନା

ରମ୍ଭା,୧୦।୧୧(ବନବାସୀ ସେଠୀ)

ଓପିଏସ୍‌ସିରେ ଉତ୍ତୀର୍ଣ୍ଣ ହୋଇଥିବା ସୁବଳୟା ଗୋପାଳକୃଷ୍ଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଗୌରୀଶଙ୍କର ବେହେରାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ ବେହେରା ସଭାପତିତ୍ୱ କରିଥିଲେ। ସେ ଓପିଏସ୍‌ସରେ ୪୭୮ ର୍‍ୟାଙ୍କରେ ଥିଲେ। ମୁଖ୍ୟଅତିଥି ଭାବେ ଗଞ୍ଜାମ ତହସିଲଦାର ଶ୍ରୀକାନ୍ତ ମିଶ୍ର, ମୁଖ୍ୟବକ୍ତା ଖଣ୍ଡଦେଉଳି ହାଇସ୍କୁଲ ପ୍ରଧାନଶିକ୍ଷକ ଡ. ଶଙ୍କର ନାରାୟଣ ବେଜ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ନାହାକ, ସଂସ୍କୃତ ଶିକ୍ଷକ ବିଜୟ ପଣ୍ଡା ଯୋଗଦେଇ ଗୌରୀ ଶଙ୍କରଙ୍କ ଛାତ୍ର ଅବସ୍ଥାରୁ ଅଧ୍ୟୟନ ପ୍ରତି ନିଷ୍ଠା ଓ ଗୁରୁ ଭକ୍ତି ତାଙ୍କୁ ଏଭଳି ସଫଳତା ଦେଇଛି ବୋଲି ମତ ଦେଇଥିଲେ। ଗୌରୀଶଙ୍କରଙ୍କ ସହ ଏହି ଅବସରରେ ବିଦ୍ୟାଳୟର ନବାଗତ ଶିକ୍ଷକ ଅରୁଣ ବେହେରାଙ୍କୁ ମଧ ସ୍ୱାଗତ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ମୋନାଲିସା ରଥ ଧନ୍ୟବାଦ ଦେଇଥିଲେ।

## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ, ଶିକ୍ଷା ନିରୀକ୍ଷକ ସଂଘର ସଭା

ବାଲିଗୁଡା,୧୦।୧୧(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ସଭାଗୃହରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ରଥ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଥିଲେ। କନ୍ଧମାଳ ଜିଲାର ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଅଂଶଗ୍ରହଣ କରି ନୂତନ ସଭାପତି ଓ ନୂତନ ସାଧାରଣ ସମ୍ପାଦକ ଚୟନ କରିଥିଲେ। ନୂତନ ସଭାପତି ଭାବେ ସୁରଥ ମୁନି ଓ ସାଧାରଣ ସମ୍ପାଦକ ଭାବେ ତୀର୍ଥବାସୀ ଘଡ଼ାଇଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

# ସିଂହଦ୍ୱାର ଗୁମୁଟରୁ ପୁଣି ପଥର ଖସିଲା

**ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର**

ଖଲ୍ଲିକୋଟ,୧୦।୧୧(ପ୍ରଶାନ୍ତ କୁମାର ମିଶ୍ର)


ସିଂହଦ୍ୱାର ଗୁମୁଟରୁ ଖସିଥିବା ପଥର।

ଗଞ୍ଜାମ ଜିଲା ଖଲ୍ଲିକୋଟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ଗୁମୁଟରୁ ଏକ ବଡ଼ ପଥର ଶନିବାର ରାତିରେ ଖସିପଡ଼ିଛି। ସେହି ସିଂହଦ୍ୱାର ଗୁମୁଟରୁ ଗତ ଦୁଇବର୍ଷ ତଳେ ଏକ ବଡ଼ ପଥର ଖସି ପଡ଼ିଥିଲା। ଯେଉଁଠୁ ଏହି ପଥର ଖସିଥିଲା, ଏବେ ତା'ର ବିପରୀତ ଦିଗରୁ ପଥର ଖସିଛି। ଗତ ୪ ମାସ ତଳେ ମୁଖ୍ୟ ମନ୍ଦିରର ଉତ୍ତର ଦିଗରେ ଥିବା ଏକ ସିଂହ ପଥର ମୂର୍ତ୍ତି ଖସି ପଡ଼ିଥିଲା। ବିଭିନ୍ନ ସମୟରେ ୩ଶହ ବର୍ଷର ଏହି ପୁରାତନ ମନ୍ଦିରରୁ ପଥର ଖସୁଥିବାରୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି। ପୁରୀ ପରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିରରେ ଗତ ଦୁଇବର୍ଷ ତଳେ ସିଂହଦ୍ୱାର ଗୁମୁଟରୁ ୭ କିଲୋ ଓଜନର ଏକ ପଥର ଖସିଥିଲା। ଏବେ ଖସିଥିବା ପଥରର ଓଜନ ପ୍ରାୟ ୨ କିଲୋ ହେବ ବୋଲି କୁହାଯାଉଛି। ନିକଟରେ ମନ୍ଦିରର ଅନ୍ନଭୋଗ ଉଦ୍‌ଘାଟନ ବେଳେ ପୂର୍ବତନ ବିଜେଡି ସରକାରର ବହୁ ମନ୍ତ୍ରୀ, ପ୍ରଶାସକ, ପୁରୀ ଗଜପତି ଦିବ୍ୟସିଂହ ଦେବ ଓ ଜଣେ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ଏହି ସମୟରେ ମନ୍ତ୍ରୀ ବିଭୂତି ଜେନା, ଗୋକୁଳାନନ୍ଦ ମଲ୍ଲିକ ଓ ବିଧାୟକମାନେ ମନ୍ଦିର ପରିଦର୍ଶନ କରି ଖୁବ୍‌ଶୀଘ୍ର ମନ୍ଦିରର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରେ ଥିବା ମୁଖ୍ୟ ମନ୍ଦିରର କେବଳ ଅଁଳାଶ୍ରୀ ମରାମତି ହୋଇଛି। ମାତ୍ର ଏଯାବତ୍ ଆଉ କୌଣସି ମରାମତି କାର୍ଯ୍ୟ ଆରମ୍ଭ ହୋଇନି। ମରାମତି ପାଇଁ ବାଉଁଶ ବନ୍ଧା ଯାଇଥିଲା, ଅର୍ଥାଭାବରୁ ମରାମତି ନ ହେବାରୁ ବନ୍ଧା ଯାଇଥିବା ବାଉଁଶ ବହୁ ଦିନ ପରେ ବାହାର କରାଯାଇଥିଲା। ଦିନକୁ ଦିନ ମନ୍ଦିରର ପଥରରେ ନିର୍ମିତ ଭାସ୍କର୍ଯ୍ୟ ମଧ ସବୁ ନଷ୍ଟ ହେବାକୁ ବସିଲାଣି। ମନ୍ଦିର ଉପରେ ବଡ଼ ବଡ଼ ଗଛ ଉଠିଲାଣି। ପୁନରୁଦ୍ଧାର କରିବା ପାଇଁ ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ନେବାକୁ ଖଲ୍ଲିକୋଟ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ପ୍ରମୋଦ ପଟ୍ଟନାୟକ, କାଉନସିଲର ପ୍ରଦୀପ ପଟ୍ଟନାୟକ, ଡ. ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଟ୍ରଷ୍ଟ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଆଇନଜୀବୀ ଅରୁଣ ସିଂହଙ୍କ ସହ ଖଲ୍ଲିକୋଟର ବହୁ ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି।



ବୁଗୁଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିରରେ ରବିବାର ଅଁଳା ନବମୀରେ ଠାକୁରଙ୍କୁ ପୂଜା କରାଯାଉଛି।

## ଜିଲାସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଶେରଗଡ଼ ୧୦।୧୧(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ସ୍ଥିତ ବିଜୁପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ଗଞ୍ଜାମ ଜିଲାସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ୪ଟି ରାଉଣ୍ଡ ସରିଥିବା ବେଳେ ରବିବାର ଶେଷ ରାଉଣ୍ଡ ବାକି ଥିଲା। ଜିଲାରୁ ଅଂଶଗ୍ରହଣ କରିଥିବା ୬୦ ପ୍ରତିଯୋଗୀଙ୍କ ମଧ୍ୟରୁ ତିନି ଜଣ ମାଷ୍ଟରଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ ପ୍ରଥମ ମାଷ୍ଟର ପୂର୍ଣ୍ଣଚନ୍ଦ୍ର ପାତ୍ର, ଦ୍ୱିତୀୟ ଏସ. ଗୋରାଚାନ୍ଦ ରେଡ୍ଡି, ତୃତୀୟ ଏସ. ଶ୍ରୀନିବାସ ରାଓ। ସେହିପରି ଆଞ୍ଚଳିକ ମାଷ୍ଟର ରୂପେ ପ୍ରଥମ ହୋଇଥିଲେ ଅଜୟ ଜେନା, ଦ୍ୱିତୀୟ ହିମାଂଶୁ ଜେନା ଓ ତୃତୀୟ ଓମ ପ୍ରକାଶ ଜେନା। ସର୍ବଭାରତୀୟ ସ୍ତରର ଚେସ ସଙ୍ଗଠନର କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ଯୁଧିଷ୍ଠିର ପାତ୍ର, ଚେସ ସଂଗଠନର କ୍ରିଷ୍ଣକାନ୍ତ ଶର୍ମା ଯୋଗଦେଇ ମାଷ୍ଟରମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ଓ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ୨୨ ପରିବାର ଭାଜପାରେ ମିଶିଲେ


ଭାଜପାରେ ଯୋଗଦେଇଥିବା କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

ଭଞ୍ଜନଗର,୧୦।୧୧(ବାବୁଲା ପ୍ରଧାନ)

**ସୋରିଷ ଫୁଲ ଦେଇ ବିଧାୟକଙ୍କୁ ସ୍ୱାଗତ କଲେ**

ଭଞ୍ଜନଗର ବ୍ଲକ ଦୋମୁହାଁଣି ପଞ୍ଚାୟତ ଗପଦର ଗ୍ରାମର ୨୨ ପରିବାରର ୬୦ ଜଣ ରବିବାର ସୋରାଦେବୀ ମନ୍ଦିରରେ ଶପଥ ନେଇ ଭାଜପାରେ ମିଶିଛନ୍ତି। ଏଥିସହ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଆଦିବାସୀ ପରମ୍ପରା ଅନୁସାରେ ସୋରିଷ ଫୁଲ ଦେଇ ସ୍ୱାଗତ କରିବା ସହ ଗ୍ରାମକୁ ଡାକିଛନ୍ତି। ବିଧାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗ୍ରାମକୁ ପରିଦର୍ଶନରେ ଯିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଥିସହ ଗ୍ରାମକୁ କିଭଳି ବିଦ୍ୟୁତ୍ ଆସିବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି। ଗ୍ରାମକୁ ପକ୍କା ରାସ୍ତା କରାଯିବ। ଏକ ବିଦ୍ୟାଳୟ ଖୋଲିବା ପାଇଁ ମଧ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି । ମିଶ୍ରଣ ପର୍ବରେ ଗଞ୍ଜାମ ଜିଲା ପରିଷଦର ଫୁଲବାଣୀ ଏମ୍‌ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ,ଭାଜପା ନେତା ତଥା ନଗର ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡ଼ି, ବ୍ଲକ ପ୍ରତିନିଧି ରବିନ୍ଦ୍ର ଗୌଡ, ମଣ୍ଡଳ ସଭାପତି ଧୋବା ଗୌଡ, ସନ୍ତୋଷ ପାଳ, ଆଇନଜୀବୀ ରଜତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗପଦର ଗ୍ରାମବାସୀଙ୍କ ମୌଳିକ ସମସ୍ୟା ଏ ଯାଏ ଦୂର ହୋଇପାରିନାହିଁ। ନୂଆ ସରକାର ଆସିବା ପରେ ଗ୍ରାମବାସୀ ଭାଜପାରେ ସାମିଲ ହୋଇ ଗ୍ରାମର ବିକାଶ ପାଇଁ ବିଧାୟକଙ୍କୁ ଅନୁରୋଧ କରିଛନ୍ତି।

## ଓକିଲଙ୍କ ସୁରକ୍ଷା ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ସଂଘ

ପାରଳାଖେମୁଣ୍ଡି,୧୦।୧୧(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିର ପ୍ରତିଷ୍ଠିତ ଓକିଲ ପି.ରାମା ରାଓଙ୍କ ଉପରେ ଶନିବାର ଏସିଡ ମାଡ଼ ହୋଇଥିଲା। ଏହି ଘଟଣାରେ ରବିବାର ପାରଳାଖେମୁଣ୍ଡି ଓକିଲ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏଭଳି ଘଟଣାକୁ ନିନ୍ଦା କରାଯାଇ ଓକିଲଙ୍କ ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ସୁରକ୍ଷା ଦାବିରେ ସଂଘ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପୀଡ଼ିତ ଓକିଲଙ୍କ ଚିକିତ୍ସା ଓ କ୍ଷତିପୂରଣ ଦେବା, ଓକିଲଙ୍କ ସୁରକ୍ଷା ଆଇନକୁ କଡାକଡି ଲାଗୁ କରିବାକୁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି । ଓକିଲଙ୍କ ଉପରକୁ ଏସିଡ ମାଡ଼ ଘଟଣା ସାରା ଭାରତରେ ବିରଳ ଘଟଣା ଏବଂ ଓଡ଼ିଶାର ଏହା ପ୍ରଥମ ଘଟଣା। ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ଓକିଲଙ୍କ ସୁରକ୍ଷା ଆଇନ ଲାଗୁକରିବାକୁ ସଂଘ ଦାବି କରିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଓକିଲ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବା ଦାବିରେ ମଙ୍ଗଳବାର ପାରଳାଖେମୁଣ୍ଡି ଓକିଲମାନେ ଆନ୍ଦୋଳନକୁ ଓହ୍ଲାଇବେ।

## ଖବର ପ୍ରକାଶ ପରେ ରାସ୍ତା କାମ ଆରମ୍ଭ

**ଧରିତ୍ରୀ ପ୍ରଭାବ**

ସୋରଡା,୧୦।୧୧(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଅଧୀନରେ ଥିବା ବରାଡ଼ି ଠାରୁ ଭାୟା ଅମୃତୁଲୁ ଦେଇ ଲୋକାମାରି ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିଲା। ରାସ୍ତା ସାରା ବଡ଼ ବଡ଼ ଖାଲ ଖମାରେ ଭର୍ତ୍ତି ହୋଇ ଦୀର୍ଘ ଦିନ ହେଲା ରହିଥିଲା। ଏହି ରାସ୍ତା ଉପରେ ୫ ପଞ୍ଚାୟତର ୭୦ରୁ ଉର୍ଦ୍ଧ୍ୱ ଗାଁର ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଥିଲେ। ଏହି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ୨୦୨୧-୨୦୨୨ରେ ସରକାର ୫ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲେ। ସେପ୍ଟେମ୍ବର ୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଅତି ନିମ୍ନମାନର କଂକ୍ରିଟ ରାସ୍ତା ତିଆରି କରାଯାଇଥିବାରୁ ନିର୍ମାଣର ମାସକ ପରେ ରାସ୍ତା ଉପରୁ ସିମେଣ୍ଟ ଓ ଗୋଡ଼ି ବାହାରି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲା। ଜନସାଧାରଣ ଓ ଗାଡିମୋଟର ଚଳାଚଳରେ ଅସୁବିଧା ହେଉଥିଲା। ଗ୍ରାମବାସୀ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ମଧ ସୁଫଳ ପାଇ ନ ଥିଲେ। ଏସମ୍ପର୍କରେ ଦୈନିକ ଧରିତ୍ରୀରେ ଏକ ଖବର ଅକ୍ଟୋବର ୩ ରେ ପ୍ରକାଶିତ ହୋଇଥିଲା। ଏହା ପରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି ରାସ୍ତା ମରାମତି ପାଇଁ ପଦକ୍ଷେପ ନେଇଛନ୍ତି। ରାସ୍ତା ଓ କୋଠବାଡି ବିଭାଗ ଏହାକୁ ପିଚୁ ରାସ୍ତା କରିବାକୁ କାମ ଆରମ୍ଭ କରିଛି।

# 'ମାଣ୍ଡିଆ ଅନେକ ଭିଟାମିନର ଏକ ସମୃଦ୍ଧ ଉତ୍ସ'

**ଜିଲାସ୍ତରୀୟ ମାଣ୍ଡିଆ ଦିବସ, ଖାଦ୍ୟ ମେଳା ଉଦ୍‌ଘାଟିତ**

**■ ୧୦ ଉତ୍କୃଷ୍ଟ ଶ୍ରୀ ଅନ୍ନ ଫସଲ ଚାଷୀ ସମ୍ମାନିତ**

ପାରଳାଖେମୁଣ୍ଡି,୧୦।୧୧(ଗିରିଧାରୀ ପରିଛା)


ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଗଜପତି ଜିଲାରେ ମାଣ୍ଡିଆ ଚାଷ ଏକ ଅର୍ଥକରୀ ଫସଲ। ଜିଲାର ସମସ୍ତ ବ୍ଲକରେ ଉନ୍ନତମାନର ମାଣ୍ଡିଆ ଚାଷ କରାଯିବା ଆବଶ୍ୟକ। ମାଣ୍ଡିଆ ଅନେକ ଭିଟାମିନର ଏକ ସମୃଦ୍ଧ ଉତ୍ସ। ଏହା ଗ୍ଲୁଟେନମୁକ୍ତ, ରକ୍ତସର୍କରା ଏବଂ କୋଲେଷ୍ଟରଲ ସ୍ତରକୁ ହ୍ରାସ କରେ। ଏହି ପୁଷ୍ଟିକର ଖାଦ୍ୟ ଶିଶୁର ଶାରୀରିକ, ମାନସିକ ବିକାଶ ଓ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ ବୋଲି ଜିଲାସ୍ତରୀୟ ମାଣ୍ଡିଆ ଦିବସ ତଥା ଶ୍ରୀ ଅନ୍ନ ଓ ଖାଦ୍ୟ ମେଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ଜିଲାପାଳ ବିଜୟ କୁମାର ଦାଶ କହିଛନ୍ତି। ରବିବାର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ହୋଇଥିବା ଏହି ମେଳାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ, ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହମ୍ମଦ ମୁବାରକ ଅଲ୍ଲି, ମୁଖ୍ୟ ଜିଲା କୃଷି ଅଧିକାରୀ ଏ.ରାମ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଗତ ସୂଚନା ଦେବା ଅବସରରେ ମାଣ୍ଡିଆ ଚାଷର ପୃଷ୍ଠଭୂମି, ପ୍ରୋଟିନ, ଡାଏଟାରି ଫାଇବର, ପୁଷ୍ଟିସାର ସହ ଅନେକ ଭିଟାମିନ ମାଣ୍ଡିଆରେ ରହିଛି ବୋଲି ମୁଖ୍ୟ ଜିଲାକୃଷି ଅଧିକାରୀ ପାତ୍ର କହିଥିଲେ। ଜିଲା କୃଷି ବିଭାଗ ପକ୍ଷରୁ ୧୦ଟି ଷ୍ଟଲ ଖୋଲାଯାଇ ମାଣ୍ଡିଆରୁ ତିଆରି ହୋଇଥିବା ବିଭିନ୍ନ ଜିନିଷ ପ୍ରଦର୍ଶନ କରାଯାଇଥିଲା। ଜିଲାର ଉତ୍କୃଷ୍ଟ ଶ୍ରୀ ଅନ୍ନ ଫସଲ ଚାଷୀ ଭାବେ ୧୦ ଜଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅମୂଲ୍ୟ ପାଣିଗ୍ରାହୀ ପରିଚାଳନା କରିଥିଲେ। ଅତିରିକ୍ତ କୃଷି ଅଧିକାରୀ ତଥା ମିଲେଟ ମିଶନ ଅଧିକାରୀ ସଂଘମିତ୍ରା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଡା. ପ୍ରଭୁପ୍ରସାଦ ପଣ୍ଡା ସମ୍ମାନିତ

ଚିକିଟି,୧୦।୧୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିଗଡ଼ ସ୍ଥିତ ଅବସରପ୍ରାପ୍ତ ବାଲାଜୀ ଠାକୁର କର୍ମଚାରୀ ସମନ୍ୱୟ ସମିତି କାର୍ଯ୍ୟାଳୟ ପରିସରରେ କରବାଲୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରଭୁ ପ୍ରସାଦ ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। ସେ ଲୋକମାନଙ୍କୁ ଉତ୍ତମ ସେବା ଯୋଗାଉଥିବାରୁ ସଂଘ ତରଫରୁ ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଛି। ସଂଘ ସଭାପତି ଅବସରପ୍ରାପ୍ତ ଅନୁନିରୀକ୍ଷକ ଗଣେଶ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଜୈମିନି ପଣ୍ଡା, ନୀଳମଣି ବେହେରା, ଡାକ୍ତର ସହଦେ ମହାରଣା, ବିରାଜ କାମାକ୍ଷୀ ପ୍ରସାଦ ବ୍ରହ୍ମା, ସୁରେନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ମଞ୍ଚାସିନ ରହି ଆଜିର ସମାଜରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ଉପସଭାପତି ହରିଶ୍ଚନ୍ଦ୍ର ସାହୁ ଅତିଥି ପରିଚୟ ଏବଂ ରୁଦ୍ରରୁପା ବ୍ରହ୍ମା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ।

# ୩ ମାସ ପରେ ମିଳିଲା ଚାଉଳ

**ଖୁର୍ସା, କରଡ଼ି ଓ ମକା ଖାଇ ବିତୁଛି ଜୀବନ**

ତୁମୁଡିବନ୍ଧ,୧୦।୧୧(ଦୀପକ କୁମାର ପରାସେଠ)

ରାଶନ ଚାଉଳ ମିଳିବାରେ ବିଳମ୍ବ ଯୋଗୁ ଖୁର୍ସା, କରଡ଼ି, ଜଙ୍ଗଲିକନ୍ଦା ଓ ମକା ଆଦି ଜଙ୍ଗଲଜାତ ଦ୍ରବ୍ୟ ଲୋକେ ଖାଇବାକୁ ବାଧ ହେଉଛନ୍ତି। କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଭଣ୍ଡାରଙ୍ଗୀ ପଞ୍ଚାୟତର ଦୁର୍ଗମ ମାସ୍କାଗୁଡ଼ା ଗ୍ରାମର ଗ୍ରାମବାସୀଙ୍କୁ ୩ ମାସ ପରେ ରବିବାର ଚାଉଳ ମିଳିଛି। ଏହି ଗ୍ରାମରେ ୧୮ ଆଦିବାସୀ ପରିବାର ବସବାସ କରନ୍ତି। ଗ୍ରାମବାସୀଙ୍କୁ ଜୁଲାଇ ପର୍ଯ୍ୟନ୍ତ ରାଶନ ଚାଉଳ ମିଳିଥିବା ବେଳେ ଅକ୍ଟୋବର ଯାଏ ଚାଉଳ ମିଳି ନ ଥିଲା। ରବିବାର ଚାଉଳ ମିଳିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ମଧ ନାହିଁ। ଚାଉଳ ମିଳୁଥିବା ଖବର ପାଇ ପଞ୍ଚାୟତ ଅଫିସକୁ ଆଣିବା ପାଇଁ ଯାଇଥିଲୁ, ପାଇଲୁ ନାହିଁ। ଫଳରେ ଜଙ୍ଗଲକୁ ଭରସା କରି ଚଳୁ ବୋଲି କହିଛନ୍ତି ଗ୍ରାମବାସୀ। ସକାଳୁ ଉଠି ଜଙ୍ଗଲକୁ ଯାଇ କରଡ଼ି, ଜଙ୍ଗଲି କନ୍ଦା,ବାଡ଼ିର ଖୁର୍ସା ଓ ମକା ସଂଗ୍ରହ କରି ଆଣି ରାନ୍ଧି ଖାଉବୋଲି ଗ୍ରାମର ଭୂପିନ୍ଦର ମାଝି କହିଛନ୍ତି। ଏ ସମ୍ପର୍କରେ ଭଣ୍ଡାରଙ୍ଗୀ ପିଇଓ ବେବୀଲତା ପାଣିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ତାଙ୍କଠାରୁ କୌଣସି ଉତ୍ତର ମିଳି ନ ଥିଲା। ତୁମୁଡିବନ୍ଧ ଯୋଗାଣ ନିରୀକ୍ଷକ ଅଞ୍ଜନ ଦିଗଲଙ୍କୁ ପଚାରିବାରୁ ସେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଛତ୍ରପୁର ସଙ୍କୁଳ ପରିଚାଳନା କମିଟିର ପ୍ରଶିକ୍ଷଣ

ଛତ୍ରପୁର,୧୦।୧୧(ଦିଲ୍ଲୀପ ସାମଲ)

ସରସ୍ୱତୀ ଶିଶୁ ମନ୍ଦିର ଛତ୍ରପୁର ସଙ୍କୁଳର ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରାମଚଣ୍ଡି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦକ୍ଷିଣପୂର୍ବ ସଂଭାଗ ସଂପାଦକ ଦୀପକ କୁମାର ମହାରଣା ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଂଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ପଦ୍ମଚରଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ, ସଂପାଦକ ସନ୍ତୋଷ କୁମାର ସାହୁ, ସହ ସଂପାଦକ ପ୍ରକାଶ ଚନ୍ଦ୍ର ସାହୁ, ସଦସ୍ୟ ରାମଚନ୍ଦ୍ର ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। ସଂକୁଳର ସମସ୍ତ ପ୍ରଧାନ ଆଚାର୍ଯ୍ୟଙ୍କ ସହିତ ପରିଚାଳନା କମିଟିର ସମସ୍ତ ସଦସ୍ୟ ମୋଟ ୬୫ଜଣ ଯୋଗ ଦେଇଥିଲେ।

# ଆରମ୍ଭ ହେଉନି ଓଭରବ୍ରିଜ ନିର୍ମାଣ କାର୍ଯ୍ୟ

**କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ଛତ୍ରପୁର ବିଧାୟକ**

ଛତ୍ରପୁର, ୧୦।୧୧(ସନ୍ତୋଷ ପାଢ଼ୀ )

ଗଞ୍ଜାମ ଛତ୍ରପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥ ଯାଇଛି। ଏହାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେଉନି। ଫଳରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବା ସହ ଜୀବନହାନି ଘଟିବାରେ ଲାଗିଛି। ଏହି ଜାତୀୟ ରାଜପଥ ଛତ୍ରପୁର କଲେଜ ଛକଠାରୁ ଡିଆରଡିଏ ଛକ ପର୍ଯ୍ୟନ୍ତ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଟେଣ୍ଡର ହୋଇଥିଲା। କଲେଜ ଛକଠାରୁ ଡିଆରଡିଏ ଛକ ସମେତ କେତେକ ସ୍ଥାନରେ ଓଭରବ୍ରିଜ ଏବଂ ଅନ୍ୟ କେତେକ ସ୍ଥାନରେ ଅଣ୍ଡରପାସ ନିର୍ମାଣ ପାଇଁ ଏହି ଟେଣ୍ଡର କରାଯାଇଥିଲା। ତେବେ ଦୀର୍ଘ ମାସ ବିତିଯାଇଥିଲେ ହେଁ ଏହାର କାମ ଏଯାଏ ଆରମ୍ଭ ହୋଇନି। ଏନେଇ ସଡ଼କ ପରିବହନ ଓ ଜାତୀୟ ରାଜପଥ ବିଭାଗ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଚିଠି ଲେଖି କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି। ଏହି ଓଭରବ୍ରିଜ୍ ନିର୍ମାଣ ହେଲେ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଛତ୍ରପୁରବାସୀ ଉପକୃତ ହେବେ ବୋଲି ବିଧାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାର ଏକ ନକଲ ମୁଖ୍ୟମନ୍ତ୍ରୀଙ୍କୁ ମଧ ବିଧାୟକ ପ୍ରଦାନ କରିଥିବା ସେ ସୂଚନା ଦେଇଛନ୍ତି।

## ଭଞ୍ଜନଗରରୁ ବିଶାଖାପାଟଣା ବସ୍ ସେବା ଆରମ୍ଭ

ଭଞ୍ଜନଗର,୧୦।୧୧(ବାବୁଲା ପ୍ରଧାନ)

ଭଞ୍ଜନଗରରୁ ବିଶାଖାପାଟଣା ଆସନ ସୋଲକୁ ସରକାରୀ ବସ୍ ସେବା ରବିବାର ସଂନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବସ୍ ସେବାର ଶୁଭାରମ୍ଭ କରିଥିଲେ। ବସ୍‌ରେ ମହିଳାମାନଙ୍କୁ ଟିକେଟରେ ୫୦ ପ୍ରତିଶତ ଛାଡ କରାଯାଇଛି। ଅନ୍ୟମାନଙ୍କୁ ବିଶାଖାପାଟଣା ଯିବାକୁ ଟିକେଟର ମୂଲ୍ୟ ୭୦୦ ଟଙ୍କା ରହିଛି। ଏହି ସମୟରେ ଭଞ୍ଜନଗର ଉପ ଜିଲାପାଳ ଅନୀଲ ସେଠୀ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଉପସ୍ଥିତ ଥିଲେ।

# ନିର୍ମାଣ ସରୁନି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୋଠା

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ ୧୦।୧୧ (ଅରୁଣ ସାହୁ/ମନୋରଞ୍ଜନ ରଣା)

ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରି ବହୁ ଅର୍ଥ ବ୍ୟୟ କରୁଛନ୍ତି। ତେବେ ତୃଣମୂଳ ସ୍ତରରେ ଅବହେଳା ଯୋଗୁ ସରକାରଙ୍କ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚୁନାହିଁ। ଦୀର୍ଘଦିନ ଧରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ କାର୍ଯ୍ୟ ଏଯାଏ ନ ସରିବା ହେଉଛି ଏପରି ଅବହେଳାର ଏକ ଉଦାହରଣ। ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ପାଇଁ ଏକ କୋଠା ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ୯୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା।


ନିର୍ମାଣାଧୀନ କୋଠା।

ତେବେ ଏହି କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଦୁର୍ଗମ କୁମ୍ଭାରିପଦର ପଞ୍ଚାୟତରେ ଚାଲିଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ମଧ କଚ୍ଛପ ଗତିରେ ଚାଲିଛି। କେବେ ସୁଦ୍ଧା କାମ ସରିବ ତାହା ଜାତୀୟ ଗ୍ରାମୀଣ ହେଲଥ ମିଶନ ସହକାରୀ ଯନ୍ତ୍ରୀ ମନୋଜ ସିଂ ବାରିକ ସ୍ପଷ୍ଟ କରିପାରୁନାହାନ୍ତି। ତେବେ ଆହୁରି ଏକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଶେଷର ସମୟ ଥିବା ସେ କହିଛନ୍ତି ।

